# ପିଲାମାନଙ୍କ ପାଇଁ ବାଇବଲ

## ଉପହାର



# ପାଉଲଙ୍କ, ଚମତ୍କପ୍ରଦ ପ୍ରଚାର ଯାତ୍ରା

ଲେଖକ: Edward Hughes

ଦୃଷ୍ଟାନ୍ତ: Janie Forest

ଉପଯୋଜକ: Ruth Klassen

ଅନୁବାଦକ: Prasanta Bhuyan

ପ୍ରୟୋଯୋକ: Bible for Children
www.M1914.org

©2014 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ
ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ପାଉଲ ଓ ଶିଲା, ଯୀଶୁଙ୍କ ସେବକମାନେ କାରାଗାରରେ ଥିଲେ । ନୁହେଁ, ସେମାନେ କୌଣସି ଭୁଲ୍ କରି ନଥିଲେ, ସେମାନେ ଏକ ସ୍ତ୍ରୀଙ୍କ ଶରିରରୁ ଦୁଷ୍ଟାତ୍ମା ବାହାର କରିଥିଲେ । ସେମାନେ ସେହି ପ୍ରତିମାପୂଜକ ଫିଲ୍ଲିପି ବାସିଙ୍କୁ ଜୀବୀତ ପରମେଶ୍ୱର ଏବଂ ତାଙ୍କ ପୁତ୍ର ଯୀଶୁଙ୍କ ଶକ୍ତି ଦେଖାଇଥିଲେ ।



ସେହି କାରଣ ନିମନ୍ତେ ସେମାନେ
ଧରାଗଲେ, ବେତ୍ରାଘାତ ପାଇଲେ ଓ
କାରାଗାରରେ ନିକ୍ଷେପ କରାଗଲେ ।





ତୁମେ ଚାହିଁବ ଯେ ପାଉଲ ଓ ଶିଲା
ରାଗିଯାଇ ଦୁଃଖ ଅନୁଭବ କରିଥିବେ ।
କିନ୍ତୁ ସେମାନେ ସେପରି ନଥିଲେ ।
ସତ୍ୟତାରେ, ଅର୍ଦ୍ଧରାତ୍ରରେ ସେମାନେ
ବସି ସଦାପ୍ରଭୁଙ୍କୁ ପ୍ରାର୍ଥନା ଓ ସ୍ତବଗାନ
କରୁଥିଲେ । ଆଉ ଅନ୍ୟ ବନ୍ଦୀମାନେ ଓ
କାରା ରକ୍ଷକମାନେ ଶୁଣୁଥିଲେ ।

ହଟାତ୍, ସମସ୍ତ ସୁସ୍ଥିର ହୋଇଗଲା । ସେହି ସ୍ଥାନରେ ମହାଭୂମିକମ୍ପ ହେଲା ଯାହା ସେହି କାରଗାରର ଭିତ୍ତିମୂଳକୁ ଦୋହଲାଇଲା । ତାହାର ସମସ୍ତ କବାଟ ଗୁଡ଼ିକ ମେଲା ହୋଇଗଲେ । ପୁଣି ପ୍ରତ୍ୟେକ ଜଣର ବନ୍ଧନ ଖୋଲିଗଲା ।





ଏଥିରେ କାରା ରକ୍ଷକ ନିଶ୍ଚିତ
ଥିଲେ ଯେ ସମସ୍ତ ବନ୍ଦୀମାନେ
ପଳାଇଯାଇଅଛନ୍ତି ବୋଲି ମନେ
କଲା । ଯଦି ଜଣେ ମଧ୍ୟ
ପଳାଇଯାଇଥିବେ ତେବେ
ତାହାର ମୃତ୍ୟୁଦଣ୍ଡ ନିଶ୍ଚିତ ।
ଦୁଃଖରେ ସେ ନିଜର ଖଣ୍ଡା
ବାହାର କରି ଆପଣାକୁ ବଧ
କରିବାକୁ ଯାଉଥିଲେ ।

କିନ୍ତୁ ପାଉଲ ଉଚ୍ଚ ସ୍ୱରରେ ଡାକି କହିଲେ, ଆପଣାର କୌଣସି କ୍ଷତି କରନାହିଁ । କାରଣ ଆମ୍ଭେମାନେ ସମସ୍ତେ ଏଠାରେ ଅଛୁ । ଯେତେବେଳେ କାରାରକ୍ଷକ ତାହା ଦେଖିଲେ, ସେ କହିଲେ, ମହାଶୟ ମାନେ ପରିତ୍ରାଣ ପାଇବା ନିମନ୍ତେ ମୋତେ କଅଣ କରିବାକୁ ପଡ଼ିବ, ସେମାନେ କହିଲେ, ପ୍ରଭୁ ଯୀଶୁଙ୍କଠାରେ ବିଶ୍ୱାସ କର, ତାହାହେଲେ ତୁମ୍ଭେ ସପରିବାରରେ ପରିତ୍ରାଣ ପାଇବ । ଆନନ୍ଦରେ, କାରାରକ୍ଷକ ବିଶ୍ୱାସ କଲେ ।





ପରଦିନ ସକାଳ ହୁଅନ୍ତେ, ପାଉଲ ଓ ଶିଲା
ଅନେକ ନଗର ଦ୍ୱାରକୁ ଯାଇ ଯୀଶୁଙ୍କ
ବାକ୍ୟ ପ୍ରଚାର କଲେ । କେତେକ ଲୋକ
ସେମାନଙ୍କୁ ବିଶ୍ୱାସ କଲେ । ଆଉ କେତେକ
ସେମାନଙ୍କୁ ଆଘାତ କରିବାକୁ ଚେଷ୍ଟା
କଲେ । ମାତ୍ର ସଦାପ୍ରଭୁ ତାଙ୍କ ଦାସମାନଙ୍କ
ସଂଙ୍ଗରେ ଥିଲେ । ଏକ ରାତ୍ରରେ, ପାଉଲ
ଘଣ୍ଟା ଘଣ୍ଟା ଧରି ପ୍ରଚାର କଲେ । ଏକ
ଯୁବକ ଖୋଲା ଝରକାରେ ବସି ପାଉଲଙ୍କ
ବାକ୍ୟ ଶୁଣିଥିଲେ, ହଟାତ୍ ସେ
ଶୋଇପଡ଼ିଲେ । ତୁମେ ନିଜେ ଅନୁମାନ
କର ତାହାର କଅଣ ହେଲା ।



ସମସ୍ତେ ଜାଣିଥିଲେ ଯେ ସେହି
ଯୁବକଟି ମୃତୁ ବରଣ କରିଅଛି ।
କିନ୍ତୁ ପାଉଲ ତଳକୁ ଯାଇ ତାହାକୁ
ଆଲିଙ୍ଗନ କରି କହିଲେ, ତାହାର
ଜୀବନ ତାଙ୍କ ପାଖରେ ଅଛି ।
ସେମାନେ ସେହି ଯୁବକକୁ
ଭିତରକୁ ଆଣିଲେ ପୁଣି ସେ
ବଞ୍ଚିଥିଲା, ସେମାନେ ଅତି
ଆନନ୍ଦିତ ହେଲେ ।

ପାଉଲ ଓ ଶିଲା ତାଙ୍କର ଇଉରୋପ୍ ମହାଦେଶ ଯାତ୍ରା ସମୟରେ ଅନେକ ଦୁଃସାହସିକ କାର୍ଯ୍ୟ କରିଥିଲେ । ସେମାନଙ୍କ ମଧ୍ୟରୁ ପାଉଲଙ୍କ ସବୁଠାରୁ ବଡ଼ ଦୁଃସାହସିକ କାର୍ଯ୍ୟ, ସେ ଜାହାଜରେ ଥିବା ସମୟରେ କରିଥିଲେ । ସେହି ଜାହାଜଟି ଲୁହାରେ ତିଆରି ନଥିଲା ତେଣୁ ସେମାନେ ଝଡ଼ରେ ଅତି ସହଜରେ ଓଲଟି ଯାଉଥିଲେ ।





ପାଉଲ ଜାହାଜ ଉପରେ ଥିଲେ କାରଣ ତାଙ୍କୁ ପୁନର୍ବାର ଗିରଫ୍ କରାଯାଇଥିଲେ ।
ସେ ରୋମ୍ ରେ ସମ୍ରାଟ ସମ୍ମୁଖରେ ଉପସ୍ଥିତ ହେବାକୁ ଯାଉଥିଲେ, ସେହି ସମୟରେ
ରୋମ୍, ସମସ୍ତ ପୃଥିବିର ରାଜଧାନୀ ଥିଲା । ମହା ପ୍ରବଳ ବାୟୁ ହେତୁ ଜାହାଜ ଧିର ହେବାକୁ
ଲାଗିଲା, ଏହା ଦେଖାଗଲା ଯେପରି ଆଗରେ ଝଡ଼ ତୋଫାନର ଜଳବାୟୁ ଅଛି । ଏହା ପାଉଲଙ୍କ
ଓ ଅନ୍ୟ ବନ୍ଦୀମାନଙ୍କ ନିମନ୍ତେ ପୁଣି ନାବିକ ମାନଙ୍କ ନିମନ୍ତେ କଷ୍ଟକର ଯାତ୍ରା ଥିଲା ।

ଭାଇମାନେ, ମୁଁ ଜାଣିପାରୁଛି ଯେ ଏହି ଯାତ୍ରା ଦୁର୍ଦ୍ଦଶାରେ ସମାପ୍ତି ହେବ, ପାଉଲ ସତର୍କ କଲେ । ଜାହାଜର ଅଧ୍ୟକ୍ଷ ପାଉଲଙ୍କ କଥାରେ ମନଯୋଗ କଲେ ନାହିଁ । ସେମାନେ ଯାତ୍ରା କରିଚାଲିଲେ, ମାତ୍ର ଯେତେବେଳେ ଏକ ଭୟଙ୍କର ଝଡ଼ ସେହି ଜାହାଜକୁ ଆଘାତ କରନ୍ତେ ସେମାନେ ଅତିଭୟଭିତ ହେଲେ । ପୁଣି ନାନା ଉପାୟରେ ଜାହାଜକୁ ତଳୁ ଘେରିକରି ବାନ୍ଧିଲେ କାଳେ ତାହା ଜାହାଜକୁ ଭାଙ୍ଗିବା ବିରୁଦ୍ଧରେ ସାହାଯ୍ୟ କରିବ, ପୁଣି ସେମାନେ ବଞ୍ଚିବେ । ଯଦି ଜାହାଜ ଭାଙ୍ଗିଯାଏ ତେବେ ତାହା ସମସ୍ତଙ୍କ ପାଇଁ ଜଳ ସମାଧି ହୋଇଯିବ ।



ତେଫାନ ଯୋଗୁ ଜାହାଜ ଅତି ଟଳମଳ ହେବାରୁ ନାବିକମାନେ ମାଲ ଫୋପାଡ଼ିବାକୁ ଲାଗିଲେ ।

ପୁଣି ତୃତିୟ ଦିନରେ ନିଜ ହାତରେ ଜାହାଜର ସରଞ୍ଜାମ ସବୁ ଫୋପାଡ଼ିଦେଲେ ।

ହୋଇପାରେ ତହା ସାହାଯ୍ୟ କରିବ ।



ରାତ୍ର ସମୟରେ, ଏକ ଦୂତ ପାଉଲଙ୍କ ପାଖରେ ଠିଆ ହୋଇ କହିଲେ, ତୁମ୍ଭମାନଙ୍କର କୌଣସି ପ୍ରକାରେ କ୍ଷତି ହେବନାହିଁ । ତାହାଶୁଣି ଅନ୍ୟମାନେ ଉତ୍ସାହିତ ହେଲେ । ସାହସ ଧରନ୍ତୁ କାରଣ ଇଶ୍ୱରଙ୍କଠାରେ ମୋହର ବିଶ୍ୱସ ଅଛି ଯେ ମୋତେ ଯେପରି କୁହା ହୋଇଅଛି ଠିକ୍ ସେହିପରି ଘଟିବ । ସେ ଯାହାବି ହେଉ ଆମ୍ଭମାନଙ୍କୁ କୌଣସି ଏକ ସ୍ଥଳକୁ ଯିବାକୁ ପଡ଼ିବ ।



କିଛିଦିନ ପରେ, ସେହି ଜାହାଜଟି ମେଲିତୀ ନାମକ ଦ୍ୱୀପ ନିକଟରେ ପହଞ୍ଚଲା, ଆଉ ସେଠାରେ ତାହା ଏକ ପଥିରିଆ ଜମି ସହିତ ଆଘାତ ପାଇ ସଂପୂର୍ଣ୍ଣ ଭାବରେ ଭାଙ୍ଗିଗଲା । ଶତସେନାପତି ଆଜ୍ଞା କରି  କହିଲେ, ଯେଉଁମାନେ ପହଁରା ଜାଣନ୍ତି, ସେମାନେ ସମୁଦ୍ରରେ ଡେଇଁପଡ଼ି ପ୍ରଥମରେ ସ୍ଥଳକୁ ଯାଆନ୍ତୁ, ପୁଣି ଅବଶିଷ୍ଟ ମାନଙ୍କ ମଧ୍ୟରୁ କେହି କେହି ତକ୍ତା ଓ କେହି କେହି ଜାହାଜର ଅନ୍ୟାନ୍ୟ ଭଙ୍ଗାଖଣ୍ଡ ଧରି ଯାଆନ୍ତୁ ।



ମେଲିତୀରେ, ସଦାପ୍ରଭୁ ତାଙ୍କର ଶକ୍ତି ଦେଖାଇଲେ । ଯେତେବେଳେ ପାଉଲ ବିଡ଼ାଏ କାଠ ଗୋଟାଇ ନିଆଁ ଉପରେ ପକାନ୍ତେ, ତାତି ହେତୁ ଗୋଟାଏ କାଳସାପ ବାହରି ତାଙ୍କ ହାତରେ କାମୁଡ଼ି ଲାଗିରହିଲା । ଲୋକମାନେ ଭାବିଲେ ସେ ମରିଯାଇ ପାରନ୍ତି । କିନ୍ତୁ ସାପ କାମୁଡ଼ାରେ ତାହାର କିଛି କ୍ଷତି ହେଲା ନାହିଁ । ତାହାପରେ ସେମାନେ ଭାବିଲେ ପାଉଲ ଜଣେ ଦେବତା ଅଟନ୍ତି । ଏନେକ ରୋଗଗ୍ରସ୍ତ ଲୋକ ତାଙ୍କ ନିକଟକୁ ଆସିଲେ, ଓ ପଉଲଙ୍କ ପ୍ରାର୍ଥନାରେ ସଦାପ୍ରଭୁ ସେମାନଙ୍କୁ ସୁସ୍ଥ କଲେ ।



ପରିଶେଷରେ, ପାଉଲ ରୋମ୍ ରେ ପହଞ୍ଚିଲେ । ସେଠାରେ ତାଙ୍କର ବିଚ଼ାର ହେବାକୁ ତାହାକୁ ପ୍ରାୟ ଦୁଇବର୍ଷ ସମୟ ଲାଗିଲା । ସେହି ସମୟରେ, ପାଉଲ ଏକ ଘର ଭଡ଼ାକରି ରହିଲେ । ପୁଣି ଯେତେଲୋକ ତାହାଙ୍କ ନିକଟକୁ ଆସିଲେ ସେ ସମସ୍ତଙ୍କୁ ଗ୍ରହଣ କରି ଈଶ୍ୱରଙ୍କ ରାଜ୍ୟ ବିଷୟରେ ପ୍ରଚାର କରୁଥିଲେ ଏବଂ ପ୍ରଭୁ ଯୀଶୁଙ୍କ ସମ୍ବନ୍ଧୀୟ ବିଷୟସବୁ ଶିକ୍ଷା ଦେଉଥିଲେ । ରୋମ୍ ରେ ପାଉଲ ସଦାପ୍ରଭୁଙ୍କ ସେବକ ଥିଲେ, ଠିକ୍ ସେହିପରି, ଯେପରି ସେ ତାଙ୍କର ଅନ୍ୟ ପ୍ରଚାର ଯାତ୍ରା ସମୟରେ ଥିଲେ ।



ମୁଁ ଉତ୍ତମ ଯୁଦ୍ଧରେ ପ୍ରାଣପଣ କରିଅଛି ନିରୁପିତ ପଥର, ଶେଷ ପର୍ଯ୍ୟନ୍ତ ଦୌଡ଼ିଅଛି ମୁଁ ବିଶ୍ୱସ ରକ୍ଷା କରିଅଛି । ପାଉଲ ଏହା ରୋମ୍ ରୁ ଲେଖିଥିଲେ । ବାଇବଲ ଆମ୍ଭମାନଙ୍କୁ କୁହେନାହିଁ ତାଙ୍କ ଜୀବନ କିପରି ଶେଷହେଲା, କିନ୍ତୁ ଅତିରିକ୍ତ ଲେଖନି ଆମ୍ଭମାନଙ୍କୁ ସୂଚ଼ିତ କରେ ଯେ ସମ୍ରାଟ ନିରୋଙ୍କ ଆଦେଶରେ ପାଉଲଙ୍କ ମସ୍ତକ ଛେଦନ କରାଯାଇଥିଲା । ପାଉଲ ସେହିପରି ମଲେ ଯେପରି ଭାବରେ ସେ ବଞ୍ଚିଥିଲେ । ଏକ ବିଶ୍ୱସ୍ତ ପରମେଶ୍ୱରଙ୍କ ଦାସ, ଯେ ଅନ୍ୟମାନଙ୍କୁ ଯୀଶୁଙ୍କ ବିଷୟରେ କହିଲେ ।



ପାଉଲଙ୍କ, ଚମତ୍କାର ପ୍ରଚାର ଯାତ୍ରା

ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

ରୁ ଅନୁସନ୍ଧାନ କରାଯାଇଅଛି

ପ୍ରେରିତ ୧୬, ୨୭, ୨୮

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

# ସମାପ୍ତି

ଏହି ବାଇବଲ୍ କହାଣି ଇଶ୍ୱରଙ୍କ ବିଷୟରେ ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି ଏବଂ ସେହି ଇଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଯାହାକୁ ଇଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ, କିନ୍ତୁ ଇଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ କୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ । ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ । ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର, ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି । ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ । ଯୋହନ ୩:୧୬